# ଜିଲାରେ ଏଯାଏ କିଣାଗଲାଣି ୧୯,୩୧,୨୨୮ କୁଇଣ୍ଟାଲ ଧାନ

■ମଣ୍ଡିରେ ପଡ଼ିଛି ୪ ଲକ୍ଷ ୮୧ ହଜାର ୬୭୨ କୁଇଣ୍ଟାଲ

■ଧାନ କିଣା ବନ୍ଦ କରିବାକୁ ଚେତାବନୀ ଦେଲା ସମବାୟ ସମିତି ସଂଘ



ବନ୍ତ ବ୍ଲକରେ ଏକ ମଣ୍ଡିରେ ପଡ଼ିରହିଥିବା ଧାନବସ୍ତା।

ଭଦ୍ରକ,୨୫।୨(ସନାତନ ରାଉତ)

ଭଦ୍ରକ ଜିଲାରେ ଏଯାଏ ୪୯,୨୫୭ ଚାଷୀଙ୍କଠାରୁ ୧୯ ଲକ୍ଷ ୩୧ ହଜାର ୨୨୮ କୁଇଣ୍ଟାଲ ଧାନ କିଣାଯାଇଛି। ୩୪ ହଜାର ୮୧ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ମିଳିସାରିଛି। ଏବେ ମିଲର ଧାନ ଉଠାଉ ନ ଥିବାରୁ ମଣ୍ଡିରେ ୪ ଲକ୍ଷ ୮୧ ହଜାର ୬୭୨ କୁଇଣ୍ଟାଲ ଧାନ ପଡ଼ି ରହିଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷେ ଜିଲାରେ ସରକାରୀ ଧାନ କିଣୁଥିବା ୧୦୮ ସମବାୟ ସମିତି ଆସନ୍ତା ୨ ଦିନ ପରେ ଧାନକିଣା ବନ୍ଦ କରିବେ ବୋଲି ସଂଘ ପକ୍ଷରୁ ବୁଧବାର ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କୁ ରୋକ୍‌ଠୋକ ଶୁଣାଇ ଦେଇଛନ୍ତି।

ଚାଷୀଙ୍କର ମୌଳିକ ସମସ୍ୟା ଯୋଗାଣ ବିଭାଗ ସମାଧାନ କରୁନାହିଁ। ନିୟମିତ ଭାବେ ମଣ୍ଡିରୁ ଧାନ ଉଠାଯାଉ ନାହିଁ। ଧାନ ଲିଫ୍ଟିଂ ପାଇଁ ମିଲରମାନେ ପର୍ଯ୍ୟାପ୍ତ ଗାଡ଼ି ବ୍ୟବସ୍ଥା କରୁନାହାନ୍ତି। ଏସବୁ ସମସ୍ୟା ନେଇ ସମବାୟ ସଭାପତି ସଂଘ ପକ୍ଷରୁ ବୁଧବାର ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଆଲୋଚନା କରାଯାଇଛି। ମଣ୍ଡିରୁ ଧାନ ଉଠିବା ବ୍ୟବସ୍ଥା କରା ନ ଗଲେ ଆସନ୍ତା ଶୁକ୍ରବାରଠାରୁ ଧାନକିଣା ବନ୍ଦ ରହିବ ବୋଲି ସଂଘ ସଭାପତି ପ୍ରକାଶଜ୍ୟୋତି ମହାକୁଡ଼ କହିଛନ୍ତି। ସଂଘର ସାଧାରଣ ସମ୍ପାଦକ ଅରୁଣ ଉଦୟ ପାତ୍ରଙ୍କ ସମେତ ତନ୍ମୟ ମଲ୍ଲିକ, ରାଜେନ୍ଦ୍ର ଖଣ୍ଡାଇ, ଗୌରାଙ୍ଗ ନାୟକ, ଭରତ ଚନ୍ଦ୍ର ସାହୁ, ରାମଚନ୍ଦ୍ର ମହାକୁଡ଼ ପ୍ରମୁଖ ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ ପଟ୍ଟନାୟକ କହିଛନ୍ତି, ସେମାନେ ଧାନ କିଣିବେ ବୋଲି ଏଗ୍ରିମେଣ୍ଟ କରିଛନ୍ତି। କିଛି ସମସ୍ୟା ଥିବାରୁ ଧାନ କିଣିବାକୁ ମନା କରିଛନ୍ତି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ। ବାହାର ମିଲରଙ୍କୁ ଧାନ କିଣିବା ପାଇଁ ନିୟୋଜିତ କରାଯିବାକୁ ଆଲୋଚନା ଚାଲିଛି।

## ୭ କେଜି କଟ୍‌ନି ପରେ ବି ମଣ୍ଡିରୁ ଉଠୁନି ଧାନ

ଧାମନଗର,୨୫।୨(ସନ୍ତୋଷ କୁମାର ମହାପାତ୍ର)

ଚଳିତବର୍ଷ ଧାମନଗର ବ୍ଲକରେ କଟ୍‌ନି ଛଟ୍‌ନିକୁ ନେଇ ଖରିଫ ଧାନ କିଣା କିଛିଦିନ ବନ୍ଦ ରହିଥିଲା। ପରେ ସମିତି ସମ୍ପାଦକ, ଚାଷୀ କମିଟି, ସମିତି ପରିଚାଳନା ପରିଷଦ ଏବଂ ମିଲରଙ୍କ ମଧ୍ୟରେ ୭ କେଜି କଟ୍‌ନି ଛଟ୍‌ନିରେ ମୂଳଚାଲ ପରେ ଧାନକିଣା ଆରମ୍ଭ ହୋଇଥିଲା। ମାତ୍ର କିଛିଦିନ ପରେ ମିଲର ଓ ସରକାରଙ୍କ ମଧ୍ୟରେ ଥିବା ଚୁକ୍ତିପତ୍ର ସମସ୍ୟା ଆଳ ଦେଖାଇ ମିଲର ଧାନ ଉଠାଣ ବନ୍ଦ କରିଥିଲେ। ଅନ୍ୟପଟେ ମଣ୍ଡିରୁ ଧାନ ନ ଉଠାଇବା ଫଳରେ ଏବେ ଗୋଦାମ ଧାନ ବସ୍ତାରେ ଭର୍ତ୍ତି ହୋଇ ବାହାରେ ଖୋଲା ଆକାଶ ତଳେ ପଡ଼ିରହିଛି। ମଣ୍ଡି ପରିଚାଳକ ମଧ୍ୟ ଚାଷୀଙ୍କଠାରୁ ଧାନ କିଣା ମଧ୍ୟ ବନ୍ଦ କରି ଦେଇଛନ୍ତି। ଫଳରେ ମିଲର ମଧ୍ୟ ଏହାର ସୁଯୋଗ ନେଇ ଚାଷୀଙ୍କଠାରୁ ମନଇଚ୍ଛା କଟ୍‌ନି ଛଟ୍‌ନି କରି ଧାନ କିଣୁଛନ୍ତି। ମିଲରମାନେ ଗାଡ଼ି ପଠାଇ ମଣ୍ଡିରୁ ଧାନ ଉଠାଣ ନ କରିବା, ଯାହାକି ଅନେକ ପ୍ରକାର ମୁନାଫା କମାଇବାକୁ ନେଇ ମିଲର ଏବଂ ସମିତି ସମ୍ପାଦକଙ୍କ ମଧ୍ୟରେ ବଡ଼ ଷଡ଼ଯନ୍ତ୍ର କରାଯାଇଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ମିଲ୍‌ରେ ଧାନ ରଖିବା ପାଇଁ ଜାଗା ନାହିଁ ବୋଲି ମିଲରମାନେ ସଫେଇ ଦେଉଥିବା ବେଳେ ଚାଷୀ ସିଧାସଳଖ ଧାନ ମିଲ୍‌କୁ ନେଲେ କିପରି ରଖାଯାଉଛି ବୋଲି ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ଧାମନଗର ବ୍ଲକର ୭୮୫୩ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରିଥିଲେ। ହେଲେ ଅଦ୍ୟାବଧି ମୋଟ ୫୬ ହଜାର ୧ କୁଇଣ୍ଟାଲ ୧୭ କେଜି ଧାନ ଉଠାଣ ନ ହୋଇ ୧୨ଟି ସେବା ସମବାୟ ସମିତି ଏବଂ ୩ ସ୍ୱୟଂସହାୟକ ଗୋଷ୍ଠୀ ଗୋଦାମ ବାହାରେ ପଡ଼ି ରହିଛି। ଏନେଇ ଜିଲା ସମବାୟ ବିଭାଗର ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ତ୍ରିପାଠୀ କହିଛନ୍ତି, ମିଲ୍ ଗାଡ଼ି ସମସ୍ୟା ପାଇଁ ମଣ୍ଡିରୁ ଧାନ ଉଠାଣ ହୋଇପାରୁ ନାହିଁ। ତେବେ ବିଳମ୍ୱ ହେଲେ ବି ସବୁ ଧାନ ଉଠାଣ ହେବ।

# ପ୍ରତିଭା ସମ୍ବର୍ଦ୍ଧନା ସମାରୋହ, ନାଟକୋତ୍ସବ



ସମାରୋହରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିବିଶେଷ।

ଚାନ୍ଦବାଲି,୨୫।୨(ରତିକାନ୍ତ ବାରିକ)

ଚାନ୍ଦବାଲି ବ୍ଲକ ଗୋପାଳପୁର ଗ୍ରାମର ବାବା ଗୋପାଳେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ପରିପ୍ରେକ୍ଷୀରେ ବାବା ଗୋପାଳେଶ୍ୱର ଯାତ୍ରା ପରିବାର ଆନୁକୂଲ୍ୟରେ ମହାଦେବ ମନ୍ଦିର ପ୍ରାଙ୍ଗଣ ପଡ଼ିଆରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଓ ନାଟକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ୪ ଦିନିଆ ଉତ୍ସବରେ ଯୁବ ଇଞ୍ଜିନିୟର ରାଧାଶ୍ୟାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ୨୩ ତାରିଖ ସନ୍ଧ୍ୟାରେ ଆୟୋଜିତ ପ୍ରତିଭା ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିଶ୍ୱକେଶରୀ ମହାନ୍ତି, ମୁଖ୍ୟବକ୍ତା ଓକିଲ ସଂଘ ସଭାପତି ଉପେନ୍ଦ୍ର କୁମାର ରାଉଳ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ଚିତ୍ତରଞ୍ଜନ ବାରିକ ଓ ଯୁବ ସଙ୍ଗଠକ ଚକ୍ରଧର ତାଢୁ ଯୋଗ ଦେଇଥିଲେ। ଓଡ଼ିଆ ମଞ୍ଚ ନାଟ୍ୟ ଜଗତକୁ ଗ୍ରାମାଞ୍ଚଳ କଳାକାରମାନଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ କହିଥିଲେ। ସାହିତ୍ୟିକ ବିଭାସ ଶଙ୍କର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନାଟ୍ୟ ସଙ୍ଗଠକ ଶୀତ ମହାଳିକ ଅତିଥି ପରିଚୟ ପ୍ରଦାନ କରିଥଲେ।

ଭେଷଜ ଗବେଷକ ଡ. ଦେବାଶିଷ ନାୟକ, ଯାତ୍ରା ପରିବାରର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ନାୟକ, ନାଟ୍ୟ ଆୟୋଜକ ଅଭିମନ୍ୟୁ ମହାଳିକଙ୍କ ସମେତ ବହୁ ପ୍ରତିଭାଙ୍କୁ 'ସ୍ୱୟଂଭୂ ଶଙ୍କର ପ୍ରତିଭା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯାତ୍ରାନୁଷ୍ଠାନର ସଭାପତି ରଜନୀକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ଅଭିମନ୍ୟୁ ମହାଳିକଙ୍କ ପ୍ରାୟୋଜିତ, ଇଂ. ରାଧାଶ୍ୟାମ ମିଶ୍ରଙ୍କ ନିର୍ଦ୍ଦେଶନା ଓ ଅଜିତ କୁମାର ନାୟକଙ୍କ ସହ ନିର୍ଦ୍ଦେଶନାରେ ସାମାଜିକ ନାଟକ 'ମିଛ ପାଖେ ସତ ବନ୍ଧା ପଡ଼ିଛି', 'କଟି କଟି ଡବଲ କଟି', 'ଲୁହରେ ଆରମ୍ଭ ଲୁହରେ ଶେଷ' ଓ 'ଦରିଆ କୂଳରେ ଦରଦୀ ବନ୍ଧୁ' ଚାରି ରାତି ପ୍ରଦର୍ଶିତ ହୋଇଥିଲା। ବିଭାସ ଶଙ୍କର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଯାତ୍ରା ପରିବାରର କର୍ମକର୍ତ୍ତା ଘନଶ୍ୟାମ ଦାସ, ବିଜୟ ଗୋପାଳ ନାୟକ, ପ୍ରତାପ କୁମାର ବାରିକ, ମାନସ କୁମାର ନାୟକ, ରବୀନ୍ଦ୍ର ବାରିକ, ଶ୍ୟାମସୁନ୍ଦର ନାୟକ, ପ୍ରଦୀପ କୁମାର ବାରିକ, ମହେଶ୍ୱର ନାୟକ, ଅଂଶୁମାନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସପ୍ତାହେ ହେଲା ସନ୍ଧ୍ୟାରେ ଜଳୁନି ଷ୍ଟ୍ରିଟ୍‌ଲାଇଟ

**ଅନ୍ଧାର ରହୁଛି ବାସୁଦେବପୁର ସହରର ପ୍ରମୁଖ ରାସ୍ତା**

ବାସୁଦେବପୁର,୨୫।୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ସହର ମଧ୍ୟରେ ଥିବା ଷ୍ଟ୍ରିଟଲାଇଟ୍ ଗୁଡ଼ିକ ମଧ୍ୟରୁ ୨୭ଟି ଲାଇଟ ପୋଷ୍ଟ(ଖୁଣ୍ଟି)କୁ ଅସ୍ଥାୟୀ ଭାବେ ସପ୍ତାହେ ହେଲା କାଟି ଦିଆଯାଇଛି। ଏଥିସହ ଅନ୍ୟ ଖୁଣ୍ଟିଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ବନ୍ଦ ରଖାଯାଇଥିବାରୁ ସନ୍ଧ୍ୟା ହେଲେ ସହରର ପ୍ରମୁଖ ରାସ୍ତା ମାତାଜୀ ମଠ ଛକଠାରୁ ଚାଟେରୀ ଛକ ଅନ୍ଧାର ରହୁଛି। ପୌରପାଳିକା କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଚେନ୍ନାଇରୁ ଏକ ପ୍ରଶସ୍ତ ମାଲ୍ ଗାଡ଼ିରେ କିଛି କଞ୍ଚାମାଲ ଧାମରା ବନ୍ଦର ଦେଇ ଜାପାନକୁ ଯାଇଥିବାରୁ ଉକ୍ତ ଗାଡ଼ି ଯାତାୟାତ ପାଇଁ ସହର ମଧ୍ୟରେ ଥିବା ୨୭ ଲାଇଟ ଖୁଣ୍ଟକୁ ଅସ୍ଥାୟୀ ଭାବେ କାଟି ଦିଆଯାଇଛି। ଉକ୍ତ ପ୍ରଶସ୍ତ ମାଲ୍ ଗାଡ଼ିରେ କେତେକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ଜଳପଥରେ ବନ୍ଦର ଦେଇ ଜାପାନକୁ ଯାଇଛି। ଏନେଇ ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ କହିଛନ୍ତି, ବାସୁଦେବପୁର-ଧାମରା ରାସ୍ତାରେ ଉକ୍ତ ପ୍ରଶସ୍ତ ମାଲ୍‌ଗାଡ଼ିଟି ଧାମରା ବନ୍ଦରକୁ ଯାଇ ସେଠାରୁ ଜାପାନ ଅଭିମୁଖେ ଯାଇଥିବାରୁ କେତେକ ଖୁଣ୍ଟିକୁ ଅସ୍ଥାୟୀ ଭାବେ କଟାଯାଇଛି। ୨/୩ ଦିନ ମଧ୍ୟରେ ପୁନଃ ସଂଯୋଗୀକରଣ କରାଯିବା ପରେ ଷ୍ଟ୍ରିଟଲାଇଟ୍ ପୂର୍ବପରି ଜଳିବ। ତେବେ ସନ୍ଧ୍ୟା ପରେ ଏହି ରାସ୍ତାରେ ଶତାଧିକ ଆଇରନ ବୋଝେଇ ଟ୍ରକ୍ ଚଳାଚଳ କରୁଥିବା ବେଳେ ସହର ଓ ରାସ୍ତା ଅନ୍ଧାର ରହୁଥିବାରୁ ଯାତ୍ରୀ, ବ୍ୟବସାୟୀଙ୍କ ସମେତ ଅଞ୍ଚଳବାସୀ ଭୟରେ ରହୁଥିବା ପ୍ରକାଶ କରିଛନ୍ତି।

# ଖାସ୍‌ମାହାଲ ଉଚ୍ଛେଦ, ସ୍ଥାୟୀ ପଟ୍ଟା ଦାବି



ସାଧାରଣ ସଭାରେ ଉପସ୍ଥିତ ଖାସମାହାଲ ଜମିରେ ବସବାସ କରୁଥିବା ବାସିନ୍ଦା।

ଚାନ୍ଦବାଲି,୨୫।୨(କିଷାନ ପାତ୍ର)

ବ୍ରିଟିଶ ଅମଳରୁ ଚାନ୍ଦବାଲି ମୌଜାର ଅନେକ ବାସିନ୍ଦା ସରକାରୀ ଖାସମାହାଲ କିସମ ଜମିରେ ବସବାସ କରୁଛନ୍ତି। ସେହି ଜମିର ଖାସ୍‌ମାହାଲ ସ୍ଥିତି ଉଚ୍ଛେଦ ନ ହେବାରୁ ସେମାନେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ଘରବାଡ଼ି ପଟ୍ଟା ପାଇପାରି ନାହାନ୍ତି। ଫଳସ୍ୱରୂପ ଘର ନିର୍ମାଣ, ସରକାରୀ ଋଣ ସୁବିଧା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରି ବିଭିନ୍ନ ସରକାରୀ ସହାୟତାରୁ ସେମାନେ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଖାସମାହାଲ ଉଚ୍ଛେଦ ସହ ସ୍ଥାୟୀ ପଟ୍ଟା ପ୍ରଦାନ ପାଇଁ ବାସିନ୍ଦାମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଠିକ୍ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ଅଭିଯୋଗ ଆଣି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ଚାନ୍ଦବାଲି ମୌଜାର ଶତାଧିକ ଲୋକଙ୍କ ସହଭାଗିତାରେ ସ୍ଥାନୀୟ ଦୁର୍ଗାପଡ଼ିଆଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଖାସ୍‌ମାହାଲ ଜମିରେ ବସବାସ କରୁଥିବା ସମସ୍ତ ବାସିନ୍ଦା ଏଥିରେ ଯୋଗଦେଇ ନିଜ ମତାମତ ରଖିଥିଲେ। ଆଗାମୀ ଦିନରେ ଏକ ପ୍ରତିନିଧି ଦଳ ଗଠନ କରାଯାଇ ତହସିଲଦାର, ଜିଲାପାଳ, ଆର୍‌ଡିସି, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର ହୋଇଛି।

# ନିଶା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଭଦ୍ରକ,୨୫।୨(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାରେ ନିଶା କାରବାର ବ୍ୟାପକ ଭାବେ ବଢ଼ି ଚାଲିଥିବା ବେଳେ ଯୁବକ, ଛାତ୍ର ନିଶାର ଶିକାର ହୋଇ ବିପଥଗାମୀ ହେଉଛନ୍ତି। ଏନେଇ ଧର୍ମରକ୍ଷା ସମିତି(ମାତୃଶକ୍ତି ସଂଘ) ପକ୍ଷରୁ ବୁଧବାର ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ନିଶା କାରବାର ବନ୍ଦ କରିବା ସହ ନିଶା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଜିଲାର ପୁରୁଣାବଜାର, ବାଙ୍କାବଜାର, କାରୁଆସାହି ଆଦି ସ୍ଥାନରେ ନିଶା କାରବାର ବଢ଼ି ଚାଲିଥିବା ବେଳେ ସାଧାରଣ ଲୋକେ ଯାତାୟାତ ପାଇଁ ଅସୁରକ୍ଷିତ ମଣୁଛନ୍ତି। ସେହିପରି ଗବସାହିରୁ ଭଦ୍ରକ କଲେଜ ରାସ୍ତା ଡ୍ରଗ୍ସ ବ୍ୟବସାୟୀଙ୍କ ପେଣ୍ଠସ୍ଥଳୀ ପାଲଟିଛି ବୋଲି ସେମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ମାତୃଶକ୍ତି ସଂଘର ସଦସ୍ୟା ଶ୍ରଦ୍ଧାଶ୍ରୀ ସ୍ୱୟଂସିଦ୍ଧା, ମମତା ବଳ, ପଦ୍ମାଳୟା ବେହେରା, ଶୁଭଶ୍ରୀ ମିଶ୍ର, ରାଧାରାଣୀ ପାଣିଗ୍ରାହୀ, ପ୍ରତିଭା ଜେନା, ସସ୍ମିତା ମହାନ୍ତି, ମଧୁସ୍ମିତା ଦାସ ମହାପାତ୍ର, ଅହଲ୍ୟା ରାଣୀ ଘଡ଼େଇ, ବିଷ୍ଣୁପ୍ରିୟା ପଣ୍ଡା ପ୍ରମୁଖ ଜିଲାପାଳଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ କରିବାକୁ ଆସିଥିବା ମାତୃଶକ୍ତି ସଂଘର ସଦସ୍ୟାମାନେ।

# ଲକ୍ଷ୍ମୀନାରାୟଣ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ତିହିଡ଼ି,୨୫।୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ଆରୁହାସ୍ଥିତ ଲକ୍ଷ୍ମୀନାରାୟଣ ପୀଠରେ ବୁଧବାର ସ୍ୱନକ୍ଷତ୍ର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏଥିପାଇଁ ମଙ୍ଗଳବାର ମାନସିକଧାରୀଙ୍କ ୧୫୧ କଳସ ଶୋଭାଯାତ୍ରା ହୋଇଥିଲା। ମନ୍ଦିରରୁ ଶୋଭାଯାତ୍ରା ବାହାରିନୂଆ ପୋଖରୀରେ କଳସ ବୁଡ଼ାଯାଇଥିଲା। ଯଜ୍ଞ ପୁରୋହିତ ଭାବେ ସିତାକାନ୍ତ ପାଣି, ଅନିରୁଦ୍ଧ ପାଣି, ଶୁକଦେବ ପାଣି, ପରମେଶ୍ୱର ପାଣି, ଖଗନ ମିଶ୍ର, କର୍ତ୍ତା ଭାବେ ରବୀନ୍ଦ୍ର ବାରିକ ଓ ତାଙ୍କ ସ୍ତ୍ରୀ ରଶ୍ମିପ୍ରଭା ବାରିକ କାର୍ଯ୍ୟ ତୁଲାଉଛନ୍ତି। କମିଟି ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଶାସକ ମୂରଲୀଧର ବାରିକ, ଇଂ. ଭାଗୀରଥି ବେହେରା, ଗୋଲକ ବିହାରୀ ମଲ୍ଲିକ, ସଭାପତି ପରମାନନ୍ଦ ନାୟକ, ସମ୍ପାଦକ ଦେବେନ୍ଦ୍ର ନାଥ ବାରିକ, ଉପସଭାପତି ସରୋଜ ନାୟକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ମାର୍ଚ୍ଚ ୧୩ରୁ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟ 'ଭଦ୍ରକ କପ୍'

ବନ୍ତ,୨୫।୨(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଆଳମଙ୍ଗା ଖେଳପଡ଼ିଆରେ ପ୍ରଥମ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟ 'ଭଦ୍ରକ କପ୍-୨୦୨୬' ଆସନ୍ତା ମାର୍ଚ୍ଚ ୧୩ରୁ ଆରମ୍ଭ ହେବ। ମଙ୍ଗଳବାର ସନ୍ଧ୍ୟାରେ ଆଳମଙ୍ଗା ଛକଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଳମଙ୍ଗା କ୍ରିକେଟ କ୍ଲବ୍ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଏହି ମ୍ୟାଚ୍ ୩ ଦିନ ଧରି ଚାଲିବ। ଏଥିରେ ୮ ଟିମ୍ ଅଂଶଗ୍ରହଣ କରିବେ। ସେଥିମଧ୍ୟରେ ସୁହାନି ୧୧ ପଶ୍ଚିମବଙ୍ଗ, ସିଆର୍‌ଏନ୍ ତାଳଚେର, ଶିଉଳି ୧୧ ପୁରୀ, ଇମେଜ ୧୧ ଭଦ୍ରକ, ଡ୍ରିମ୍ ୧୧ ବଲାଙ୍ଗୀର, ଡିସିସି ସନ୍ଥପୁରା କେନ୍ଦ୍ରାପଡ଼ା, କମାଣ୍ଡୋ ୧୧ ଭୁବନେଶ୍ୱର ଓ ଗଞ୍ଜାମ ୧୧ ଟିମ୍ ରହିଛି। ପ୍ରତିଦିନ ୩ଟି ଲେଖାଏ ମ୍ୟାଚ୍ ହେବାକୁ ଥିବାବେଳେ ପ୍ରତ୍ୟେକ ମ୍ୟାଚ୍ ୧୦ ଓଭର ଲେଖାଏ ହେବ। ମାର୍ଚ୍ଚ ୧୫ରେ ୩ଟି ଫର୍ମାଟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଭାଷ୍ୟକାର ଭାବେ ବୁଦ୍ଧଦେବ ମହାରଣା, ସୁନାମଧନ୍ୟ ଡ୍ୟାମ୍ପିଂ ଅମ୍ପାୟର ବବୁଲ ଆସୁଥିବା ବେଳେ ବିଶେଷ ଆକର୍ଷଣ ଭାବେ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମିଡିଆ ଓ ବ୍ଲଗରର୍ସମାନଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ପୁରସ୍କୃତ କରାଯିବ। ଉପଦେଷ୍ଟା ତଥା ଶିକ୍ଷାବିତ୍ ରତିକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ତଥା ଆଇନଜୀବୀ ବନମାଳୀ ଜେନା, ଅଧ୍ୟାପକ ଚନ୍ଦ୍ରକାନ୍ତ ବେହେରା, ସାମାଜିକ କର୍ମୀ ଘନଶ୍ୟାମ ଧଳ, ବିଦ୍ୟାଧର ଜେନା, ନିତ୍ୟାନନ୍ଦ ବେଜ, ସନାତନ ଜେନା, କ୍ଲବ୍ ସଭାପତି ଅନୁପ କୁମାର ବେହେରା, ସମ୍ପାଦକ ରଞ୍ଜନ କୁମାର ବେଜ, ଉପଦେଷ୍ଟା ଉମେଶ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଟୋଲ୍‌ଗେଟ୍ ପରିଚାଳକଙ୍କୁ ଆକ୍ରମଣ ନେଇ ମାମଲା

ଭଣ୍ଡାରିପୋଖରୀ,୨୫।୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଭାଗଡ଼ା-ନାରାୟଣପୁର ଟୋଲ୍‌ଗେଟ ପରିଚାଳକଙ୍କୁ ଗତ ଶନିବାର ସନ୍ଧ୍ୟାରେ ଆକ୍ରମଣ ନେଇ ମଙ୍ଗଳବାର ଥାନାରେ ମାମଲା ରୁଜୁ ହୋଇଛି। ଟୋଲ୍‌ଗେଟ ପରିଚାଳକ ବଜରଙ୍ଗୀ ସିଂ ରବିବାର ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟତମ ପରିଚାଳକ ସୁବ୍ରତ ସ୍ୱାଇଁଙ୍କ ସମାନ ଅଭିଯୋଗ ଆଧାରରେ ଥାନାରେ ମାମଲା (ନଂ. ୮୬/୨୬) ରୁଜୁ ହୋଇଛି। ଭୂତିଆ, ଲକ୍ଷ୍ମୀସାଗର, ଚାଇଁଖିଆ, ତେସିଙ୍ଗା ଓ ପୁରିପଡ଼ା ଗ୍ରାମର କେତେଜଣ ବ୍ୟକ୍ତି ଟୋଲ୍‌ଗେଟ ପରିଚାଳକ ସିଂଙ୍କ କୋଠରୀକୁ ଆସି ମିଶ୍ରଣ ପର୍ବ ପାଇଁ ଚାନ୍ଦା ମାଗିଥିଲେ। ଉପରିସ୍ଥ ଅଧିକାରୀଙ୍କ ଅନୁମତି ମିଳିଲେ ନିଷ୍ପତ୍ତି ହେବ ବୋଲି ବଜରଙ୍ଗୀ ଉତ୍ତର ଦେଇଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ।

# ଜିପିଏଲ୍‌ଏଫ୍ ଅଗୋଚରରେ କାର୍ଯ୍ୟାଳୟ ଗୃହ ନିର୍ମାଣ

**ବିରୋଧ ସହ କାର୍ଯ୍ୟ ବନ୍ଦ ଦାବିକଲା ମହିଳା ମହାସଂଘ**

ଭଦ୍ରକ,୨୫।୨(ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ପଞ୍ଚାୟତରେ ଜିପିଏଲ୍‌ଏଫ୍(ପଞ୍ଚାୟତ ମହିଳା ମହାସଂଘ) ଅଗୋଚରରେ ମହାସଂଘ କାର୍ଯ୍ୟାଳୟ ଓ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ ହେଉଛି। ପଞ୍ଚାୟତ ସଦର ମହକୁମାଠାରୁ ପ୍ରାୟ ୪ କି.ମି. ଦୂରରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ମହିଳା ମହାସଂଘ ପକ୍ଷରୁ ବିରୋଧ କରାଯାଇଛି।

୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ମା' ତାରିଣୀ ମହିଳା ମହାସଂଘ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଆଡ଼ିଆ ସଦରମହାକୁମା କଳାପାହାଡ଼ ପଡ଼ିଆକୁ ସ୍ଥାନ ନିରୂପଣ କରାଯାଇ ମହାସଂଘ ପକ୍ଷରୁ ରିଜୋଲେଶନ କରାଯାଇଥିଲା। କିନ୍ତୁ ଉକ୍ତ ସ୍ଥାନ ବଦଳାଇ ମହାସଂଘ ଅଗୋଚରରେ ପ୍ରାୟ ୪ କି.ମି. ଦୂର କୁଆଁର୍ଦ୍ଧାରେ ନିର୍ମାଣ ଆରମ୍ଭ କରାଯାଇଛି। ଏକଥା ଜଣାପଡ଼ିବା ପରେ ମହାସଂଘ ପକ୍ଷରୁ ବୈଠକ କରାଯାଇ ମଙ୍ଗଳବାର ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ମହାସଂଘର ସହମତିରେ ଏହି ଗୃହ ନିର୍ମାଣ କରାଯିବାକୁ ନିୟମ ଥିଲେ ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଛି। ବୁଧବାର ମହାସଂଘର କର୍ମକର୍ତ୍ତା ଓ ସଦସ୍ୟାମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସେଠାରେ ନିର୍ମାଣ କାର୍ଯ୍ୟ ବନ୍ଦ କରି ପୂର୍ବରୁ ରିଜୋଲେଶନ କରାଯାଇଥିବା କଳାପାହାଡ଼ ପଡ଼ିଆରେ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସେମାନେ ଦାବି ଜଣାଇଛନ୍ତି। ସେମାନଙ୍କୁ ନ ଜଣାଇ ସରପଞ୍ଚ ମନମୁଖୀ ଭାବେ ସ୍ଥାନ ବଦଳାଇ ନିଜ ଗ୍ରାମରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମ ସମଦୂରତ୍ୱ ହେଉଥିବା ବେଳେ ସେଠାରେ ଏହି ନିର୍ମାଣ କାର୍ଯ୍ୟ କରା ନ ଯାଇ ପଞ୍ଚାୟତର ଶେଷମୁଣ୍ଡରେ ନିର୍ମାଣ କରାଯିବାକୁ ସେମାନେ ବିରୋଧ କରିଛନ୍ତି। ପଞ୍ଚାୟତର ଜିରିଣା, ପନ୍ଦାଡ଼ୋ, ଓଲଡାଙ୍ଗ, ଅଡାଳପଙ୍କ ଆଦି ଗ୍ରାମଗୁଡ଼ିକ ସେଠାକୁ ୫ ରୁ ୭ କି.ମି. ଦୂର ହେବ। ଫଳରେ ନିୟମିତ ଯାତାୟାତ କରିବାରେ ସମସ୍ୟା ହେବା ସହ ମାର୍କେଟିଂ ସୁବିଧା ମିଳିବ ନାହିଁ ବୋଲି ସଂଘର ସମ୍ପାଦିକା ସସ୍ମିତା ସେଠୀ କହିଛନ୍ତି। ଜିଲାପାଳ ଦିଲୀପ ରାଉତରାଏ ଏନେଇ ମିଶନ ଶକ୍ତି ଡିପିସିଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଛନ୍ତି। ମହାସଂଘର କର୍ମକର୍ତ୍ତାମାନେ ଡିପିସି ଅଭିକ୍ ନାରିନ୍‌ଙ୍କୁ ଅଭିଯୋଗପତ୍ର ପ୍ରଦାନ କରିବା ପରେ ସେ ବନ୍ତ ବିଡିଓଙ୍କୁ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଏହାର ତୁରନ୍ତ ସମାଧାନ କରିବାକୁ କହିଛନ୍ତି। ମହାସଂଘର ସଭାନେତ୍ରୀ ବର୍ଷାରାଣୀ ଜେନା, ଉପସଭାନେତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡା, ଏମ୍‌ବିକେ କୁନୁମୁନୀ ନାୟକ, ସିଆର୍‌ପି ସବିତା ରଥ, ଶୈଳବାଳା ପାତ୍ର, ଗୀତା ଦାସ, କେତକୀ ଦାସ, ଶକୁନ୍ତଳା ଜେନା, ଭାରତୀ ରାଉତ, ଝୁନୁଲତା ରାଉତ, ଇସି ସଭ୍ୟା ସଂଯୁକ୍ତା ଗିରି, ସଂଯୁକ୍ତା ଦାସ, ପ୍ରିୟମ୍ବଦା ଦାସ, ପାର୍ବତୀ ଜେନା, ପଦ୍ମିନୀ ସେଠୀ ପ୍ରମୁଖ ଜିଲାପାଳ ଓ ଡିପିସିଙ୍କୁ ଭେଟିଥିଲେ।


केनरा बैंक Canara Bank — ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ପାରାଦୀପ ଶାଖା** (୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/ ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (୨) ଶ୍ରୀ ବିଭୁ ପ୍ରସାଦ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (୩)ମାଷ୍ଟର ବିଦିଶ୍ ରଞ୍ଜନ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅଭିଭାବକ ଭାବେ ତାଙ୍କର ପ୍ରତିନିଧୀତ୍ୱ କରୁଛନ୍ତି), ସମସ୍ତଙ୍କ ଠିକଣା: ସା- ବାଇଲ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦ । | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୭୭୮.୪୫ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ୧୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ସ୍କେଚ୍ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇକ୍ରମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁଙ୍କ ସ୍କେଚ୍ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ସ୍କେଚ୍ ପ୍ଲଟ ନଂ.୩୧ |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ୮୮ ସ୍ଥାନରେ ରୋଗୀ ଦେଖୁଛନ୍ତି ୪୫

**କେନ୍ଦୁଝର,୨୫।୨(ଦୀପକ ମିଶ୍ର)**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ଲାଗି ରହିଛି। ଏଠାରେ ଧରଣୀଧର ମେଡିକାଲ କଲେଜର ପ୍ରାକ୍ଟିକାଲ ଚାଲିଥିବା ସମୟରେ ମେଡିକାଲ କଲେଜରେ ଡାକ୍ତରଙ୍କ ସହ ଜିଲା ସଦର ହସ୍ପିଟାଲରେ ଥିବା ଡାକ୍ତର ମିଶି ରୋଗୀସେବା କରୁଥିଲେ। ମେଡିକାଲ କଲେଜରେ ଅଲଗା ଭାବେ ରୋଗୀସେବା ଆରମ୍ଭହେବାଠାରୁ ସଦର ଡାକ୍ତରଖାନା ଅବହେଳିତ ଅବସ୍ଥାରେ ରହିଛି। ଡାକ୍ତର ପଦବୀ ପୂରଣ ହେଉ ନ ଥିବାରୁ ମାତ୍ର ୪୫ ଜଣ ଡାକ୍ତରରେ ରୋଗୀ ସେବା ଚାଲିଛି।

ପ୍ରକାଶ ଯେ, ପ୍ରତିଦିନ ଅନେକ ଶହ ରୋଗୀ ଜିଲା ତଥା ଜିଲା ବାହାରୁ ଉକ୍ତ ଡାକ୍ତରଖାନାକୁ ଆସୁଥିବା ବେଳେ ଡାକ୍ତର ଅଭାବ ଯୋଗୁ ରୋଗୀ ସେବାରେ ବାଧା ଉପୁଜୁଛି। ମେଡିକାଲ କଲେଜରେ ମଧ୍ୟ ସମାନ ସମସ୍ୟା ଲାଗି ରହିଛି। ସେଠାରେ କିଛି ବିଭାଗରେ ଡାକ୍ତର ରହିଥିବା ବେଳେ ମେଡିକାଲ କଲେଜରେ ପରୀକ୍ଷଣ ପାଇଁ ଆବଶ୍ୟକ ଉପକରଣ ଅଭାବ ଥିବାରୁ ରୋଗୀଙ୍କୁ ଜିଲା ହସ୍ପିଟାଲକୁ ଆସିବାକୁ ପଡୁଛି। ଜିଲା ସଦର ଡାକ୍ତରଖାନାରେ ବିଭିନ୍ନ ବିଭାଗରେ ଡାକ୍ତର ନ ଥିବା ଯୋଗୁ ମେଡିକାଲ କଲେଜକୁ ରେଫର କରାଯାଉଛି। ଧରଣୀଧର ମେଡିକାଲ କଲେଜରେ ସବୁ ବିଭାଗରେ ଡାକ୍ତର ନିଯୁକ୍ତି ଓ

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ**

**ମେଡିକାଲ କଲେଜରେ ଡାକ୍ତର ଦେଖୁଛନ୍ତି, ଜିଲା ହସ୍ପିଟାଲରେ ପରୀକ୍ଷଣ ହେଉଛି**

ପରୀକ୍ଷା ସରଞ୍ଜାମ ଲଗାଯିବା ପରେ କଲେଜ କାର୍ଯ୍ୟକାରୀ କରାଯାଇଥିଲେ ରୋଗୀ ସେବା ଶୃଙ୍ଖଳିତ ହୋଇଥାନ୍ତା ବୋଲି ବୁଦ୍ଧିଜୀବୀ ବିଜୟ ବରାଳ କହିଛନ୍ତି। ରୋଗୀ କେତେବେଳେ ଜିଲା ହସ୍ପିଟାଲ ତ କେତେବେଳେ ମେଡିକାଲ କଲେଜ ଦୌଡ଼ି ହଇରାଣ ହେବାକୁ ପଡୁଛି। ଜିଲା ସଦର ମହକୁମା ଡାକ୍ତରଖାନାରେ ମେଡିସିନ ବିଭାଗରେ ମାତ୍ର ୨ ଜଣ ବିଶେଷଜ୍ଞ ଥିବା ବେଳେ ସେମାନଙ୍କ ଉପରେ ଅଧିକ ଚାପ ପଡୁଛି। ସେମାନେ ବେଳେ ବେଳେ ଅସହାୟ ମନେ କରୁଥିବା ବିଶେଷଜ୍ଞ ଡା. ନିରଞ୍ଜନ ବେହେରା କହିଛନ୍ତି। ଏଠାରେ ଥିବା ଅନ୍ୟ ୨ଜଣ ମେଡିସିନ ବିଶେଷଜ୍ଞଙ୍କ ମଧ୍ୟରୁ କେନ୍ଦୁଝରଠାରେ ଜଣଙ୍କୁ ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଓ ଅନ୍ୟ ଜଣଙ୍କୁ ସହକାରୀ ମୁଖ୍ୟ ଚିକିତ୍ସାଧିକାରୀ ଭାବେ ନିଯୁକ୍ତି ପରେ ମେଡିସିନ ବିଭାଗ ଶ୍ରୀହୀନ ହୋଇପଡ଼ିଛି। ଅନ୍ୟ ଦିଗରେ ଅସ୍ଥିଶଲ୍ୟ ବିଭାଗରେ ଜଣେ ଡାକ୍ତର ଥିବା ବେଳେ ସ୍ତ୍ରୀରୋଗ ବିଭାଗରେ ୩ ଜଣ ଓ ସର୍ଜରିରେ ଚୁକ୍ତିଭିତ୍ତିକ ଡାକ୍ତର ସଂଖ୍ୟା ୪ ଜଣ ବୋଲି ଏଡିଏମ୍ଓ ପ୍ରଦୀପ କୁମାର ମିଶ୍ର କହିଛନ୍ତି। ସେହିପରି କର୍ଣ୍ଣ, ନାସା, ଗଳା ବିଭାଗରେ ୨ ଜଣ ଡାକ୍ତର ରହିଛନ୍ତି। ଅନେକ ବିଭାଗରେ ନିୟମିତ ଡାକ୍ତର ନ ଥିବା ବେଳେ କିଛି ବିଭାଗରେ ଡିଏମ୍ଏଫ୍ ପକ୍ଷରୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଛି। ନ୍ୟୁରୋଲୋଜି, ରେଡିଓଲୋଜି, ପେଟରୋଗ ପ୍ରଭୃତି ବିଭାଗରେ ଡାକ୍ତର ନାହାନ୍ତି। ବିଶେଷଭାବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଖାନାରେ ୮୮ ବଦଳରେ ୪୫ ଜଣ ଡାକ୍ତର ରହିଥିବା ବେଳେ ସେଥିମଧ୍ୟରୁ ପ୍ରତିଦିନ ୬ରୁ ୭ ଜଣ ଡାକ୍ତର ଛୁଟିରେ ରହୁଛନ୍ତି। ଫଳରେ ରୋଗୀ ସେବାରେ ଅନେକ ଅସୁବିଧା ହେଉଥିବା ଏଡିଏମ୍ଓ ପ୍ରକାଶ କରିଛନ୍ତି।

## ପାଲା ମାଧ୍ୟମରେ ବନ ସୁରକ୍ଷା ସଚେତନତା



କଳାକାରମାନେ ପାଲା ପରିବେଷଣ କରୁଛନ୍ତି।

**ଢେଙ୍କିକୋଟ,୨୫।୨(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ଢେଙ୍କିକୋଟ ସେକ୍ସନ କପାସପଡ଼ା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ପାଲା ମାଧ୍ୟମରେ ଗ୍ରାମବାସୀଙ୍କୁ ଜଙ୍ଗଲ ସୁରକ୍ଷା କରିବା ପାଇଁ ସଚେତନ କରାଯାଇଛି। ଜଙ୍ଗଲରେ ନିଆଁ ନ ଲଗାଇବା, ଜଙ୍ଗଲରୁ ଗଛପତ୍ର ନ କାଟିବା, ଜଙ୍ଗଲର ଜୀବଜନ୍ତୁଙ୍କୁ ନ ମାରି ସୁରକ୍ଷା ଦେବା, ଜଙ୍ଗଲ ଜାତ ଦ୍ରବ୍ୟ ଆମଦାନୀ କରି ଗୁଜୁରାଣ ମେଣ୍ଟାଇବା ଆଦି ସମ୍ପର୍କରେ ବୁଝାଇଥିଲେ। ଫରେଷ୍ଟର ଅକ୍ଷୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାଲା ଗାୟକ ଲକ୍ଷ୍ମଣ ପାତ୍ର, ସହକର୍ମୀଙ୍କ ସହ ପାଲା ପରିବେଷଣ କରି ଗ୍ରାମବାସୀଙ୍କୁ ବୁଝାଇଥିଲେ। ଫରେଷ୍ଟ ଗାର୍ଡ ଶିବ ପ୍ରସାଦ ହାଁସଦା, ପାରାଷ୍ଟାଫ ସହଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ମହିଳା ମୃତ

**ପାଟଣା,୨୫।୨(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କ୍ଷୀରେଇଟାଙ୍ଗିରି ଦେଇ ଯାଇଥିବା ଜାତୀୟ ରାଜପଥ କ୍ଷୀରେଇ ଛକ ନିକଟରେ ମଙ୍ଗଳବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ବାରିଆ ଥାନା ଭୋଦପଶି ଗ୍ରାମର କୁଆଁରୀ ନାଏକ(୬୨)। ସେ କୌଣସି କାମରେ ଯାଉଥିବା ବେଳେ କ୍ଷୀରେଇ ଛକରେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ. ୪୧/୨୬)ରୁଜୁ ହୋଇଛି।

## ଆନନ୍ଦପୁରକୁ ସ୍ୱତନ୍ତ୍ର ଜିଲା ଦାବି



ଉପ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ବିକାଶ ପରିଷଦ ପକ୍ଷରୁ ଉପ ଜିଲାପାଳଙ୍କୁ ସ୍ମାରକପତ୍ର**

**ଆନନ୍ଦପୁର/ବଞ୍ଚୋ, ୨୫।୨( ସୁଶାନ୍ତ କୁମାର ସାହୁ/ ପ୍ରଦୋଷ ବିଶ୍ୱାଳ)**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ହୋଇଛି। ଏ ନେଇ ଆନନ୍ଦପୁର ବିକାଶ ପରିଷଦ ପକ୍ଷରୁ ବୁଧବାର ଉପ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଉପଖଣ୍ଡବାସୀଙ୍କ ମତ ଅନୁସାରେ, କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡକୁ ସବୁ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଛି। ଜିଲାସ୍ତରୀୟ ଅଧିକାରୀ କେବଳ ସରକାରୀ କାର୍ଯ୍ୟରେ ଆନନ୍ଦପୁର ଆସୁଥିବାବେଳେ ଅନ୍ୟ ସମୟରେ ପାଦ ପଡୁନି। ଏପରିକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାସ୍ତରୀୟ ଅଧିକାରୀ ଏଠାରେ ରହୁନାହାନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ୍ୟ ସମସ୍ୟା ସମାଧାନ କ୍ଷେତ୍ରରେ କାହାର ଆନ୍ତରିକତା ରହୁନି। ଉପଖଣ୍ଡର କେତେକ ସ୍ଥାନରୁ ଜିଲା ମୁଖ୍ୟାଳୟର ଦୂରତା ୧୪୦ କି.ମି. ହୋଇଥିବାରୁ ସେହିସବୁ ସ୍ଥାନର ଲୋକେ କୌଣସି କାମରେ ମୁଖ୍ୟାଳୟକୁ ଗଲେ ହଇରାଣ ହେଉଛନ୍ତି। ଅନେକ ସମୟରେ ଲୋକେ ମୁଖ୍ୟାଳୟରେ ରାତି ରହି ଅଯଥା ଖର୍ଜାନ୍ତ ହେଉଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନନ୍ଦପୁରରେ ରହି ଆନନ୍ଦପୁର ମହାବିଦ୍ୟାଳୟରେ ଶିକ୍ଷା ଅଧ୍ୟୟନ କରୁଥିଲେ। ଯାହାକି ଆନନ୍ଦପୁର ପାଣି ପବନ ସହ ସେ ଜଡ଼ିତ ଅଛନ୍ତି। ଆନନ୍ଦପୁରକୁ ଶୀଘ୍ର ଜିଲା ଘୋଷଣା ହେବ ବୋଲି ଅଞ୍ଚଳବାସି ଆସ ବାନ୍ଧି ରଖିଛନ୍ତି। ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବୟାନ ପରେ ଉପଖଣ୍ଡବାସୀ ବେଶ ଆଶାବାଦୀ ହୋଇଛନ୍ତି। ଫଳରେ ଉପ ଜିଲାପାଳଙ୍କ ଜରିଆରେ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ପରିଷଦ ପକ୍ଷରୁ କୁହାଯାଇଛି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଉଳା, ୨୫।୨(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁଣ୍ଡିସାହିର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ଜେନା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସା, ସିଆରସିସି ଦେବାଶିଷ ବାରିକ୍, ବିଦ୍ୟାଳୟ କମିଟି ସଭାପତି ନନ୍ଦ କିଶୋର ପତି ଉପସ୍ଥିତ ରହିଥିଲେ। ସହକାରୀ ଶିକ୍ଷକ ଦୀପକ ନାୟକ ବାର୍ଷିକ ବିବରଣି ପାଟ କରିଥିବା ବେଳେ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଗାହଣ ସଂଯୋଜନା କରିଥିଲେ। ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରଷ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର କମିଟି ସଦସ୍ୟ ଓ ଅଭିଭାବକ ଉପସ୍ଥିତ ଥିଲେ।




ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ଜିଲା ସଂସ୍କୃତି ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ହାଟଡ଼ିହୀ,୨୫।୨(ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ହାଟଡ଼ିହୀ ବ୍ଲକ୍ ଅଧୀନ ମା' ତାରିଣୀ କଳାକାର ପରିଷଦ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପରିଷଦର ପ୍ରତିଷ୍ଠାତା ବାବାଜୀ ଚରଣ ଜେନା, ସଭ୍ୟା ବାସନ୍ତୀ ଜେନା ପ୍ରମୁଖ ସଂସ୍କୃତି ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ମା' ତାରିଣୀଙ୍କ ଫଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ କଳାକାରଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ।



ମା' ତାରିଣୀ କଳାକାର ପରିଷଦ ପକ୍ଷରୁ ଜିଲା ସଂସ୍କୃତି ଅଧିକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

## ସିଙ୍ଗଡ଼ବ ଅଙ୍ଗନୱାଡ଼ି ଗୃହ ନିର୍ମାଣରେ ବିଳମ୍ବ

**ବଞ୍ଚୋ,୨୫।୨(ପ୍ରଦୋଷ କୁମାର ବିଶ୍ୱାଳ)**

**ତୁରନ୍ତ ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବଞ୍ଚୋ ପଞ୍ଚାୟତ ସିଙ୍ଗଡ଼ବ ଗ୍ରାମର ୧୨ନଂ. ୱାର୍ଡରେ ଅଙ୍ଗନୱାଡ଼ି ଗୃହ ନିର୍ମାଣରେ ବିଳମ୍ବ ହେଉଛି। ସରକାର ଓ ଓମ୍ୱାଡ଼ସି ପକ୍ଷରୁ ଅନୁଦାନ ମିଳିଥିବା ସତ୍ତ୍ୱେ ଗୃହ ନିର୍ମାଣ ଆରମ୍ଭ ହୋଇନାହିଁ। ଅସନ୍ତୋଷ ବୃଦ୍ଧିତ ପାଉଥିବା ବେଳେ ତୁରନ୍ତ କାମ ସାରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, ରାଜସ୍ୱ ନିରୀକ୍ଷକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣସ୍ଥଳ ପରିଦର୍ଶନକରି ଖାତା ନଂ. ୩୬୬, ପ୍ଲଟ୍ ନମ୍ବର ୧୨୫୫ରୁ ୬ ଡିସିମିଲ ଜମି ଚିହ୍ନଟକରି ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାରଙ୍କ ଚିଠି ନଂ. ୫୬୨୯/୮ ଡିସେମ୍ବର ୨୦୨୫ ମାଧ୍ୟମରେ ସିଡିପିଓଙ୍କୁ ଅବଗତ କରାଯାଇଥିଲା। ପରେ ସିଡିପିଓ ତାଙ୍କ ଚିଠି ନମ୍ବର ୧୨୦୫/୧୭ ଡିସେମ୍ବର ୨୦୨୫ ଦ୍ୱାରା ବିଡିଓଙ୍କୁ ଗୃହ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ଜଣାଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି କାମ ଆରମ୍ଭ ହୋଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଜୟ ବେହେରା, ଶ୍ରୀଧର ଖଟୁଆ, ଗୌତମ ବେହେରା, ନିରଞ୍ଜନ ବେହେରା, ସ୍ୱପ୍ନେଶ୍ୱର ବେହେରା, ଜଗବନ୍ଧୁ ବେହେରା, କୃତ୍ତିବାସ ଖଟୁଆ ପ୍ରମୁଖ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବଞ୍ଚୋ ସମିତି ସଦସ୍ୟ ଏବଂ ହାଟଡିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ମଧ୍ୟ କହିଛନ୍ତି, ଛୋଟ ଶିଶୁଙ୍କ ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରଶାସନ ଶୀଘ୍ର ଗୃହ ନିର୍ମାଣକୁ ଅନୁମୋଦନ ଦେଇ ତତ୍କାଳ କାମ ଆରମ୍ଭ କରିବାକୁ ଦାବି ଜଣାଇଛନ୍ତି। ଉପଜିଲାପାଳ ନୀଳମାଧବ ସୁନା କହିଛନ୍ତି, ଅଙ୍ଗନୱାଡ଼ି ଗୃହ ନିର୍ମାଣ ବିଳମ୍ବ ହେବା ଘଟଣାକୁ ଗୁରୁତ୍ୱ ସହ ନିଆଯାଇଛି। ବିଳମ୍ବର ଠିକ୍ କାରଣ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିଲେ ଯଥୋଚିତ ପଦକ୍ଷେପ ଗ୍ରହଣ କରାଯିବ। ଶୀଘ୍ର ନିର୍ମାଣ କାମ ଆରମ୍ଭ କରାଯିବ।

## ରାଜମିସ୍ତ୍ରିଙ୍କୁ ନେଇ କର୍ମଶାଳା

**ଢେଙ୍କିକୋଟ,୨୫।୨(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ବଜାରଠାରେ ଥିବା ମା' ତାରିଣୀ ଏଜେନ୍ସିର ଶଙ୍କର୍ଷଣ ସାହୁଙ୍କ ଆହ୍ୱାନ କ୍ରମେ ଅଲଟ୍ରାଟେକ ସିମେଣ୍ଟ କମ୍ପାନୀ ତରଫରୁ ମଙ୍ଗଳବାର ରାତି ୮ଟାରେ ଖଜୁରୀଜୁଆଣିସ୍ଥିତ ହୋଟେଲରେ ଅଞ୍ଚଳର ରାଜମିସ୍ତ୍ରି ଓ ଗ୍ରାହକଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସିମେଣ୍ଟ କମ୍ପାନୀର ଟେକ୍ନିକାଲ ମ୍ୟାନେଜର ମିଳନ ଜେନା, ଟେକ୍ନିକାଲ ଇଞ୍ଜିନିଅର ଜ୍ୟୋତିରଞ୍ଜନ ମହାନ୍ତ, କେନ୍ଦୁଝର ଜିଲା ସେଲ୍ସ ଅଫିସର ଆଲୋକ ମିତ୍ର ଉପସ୍ଥିତ ରହି ଉପସ୍ଥିତ ରହି ସିମେଣ୍ଟର ଗୁଣବତ୍ତା ବିଷୟରେ ବୁଝାଇଥିଲେ।

## ଜବରଦଖଲ ମୁକ୍ତହେଲା ମାଇନିଂ ସ୍କୁଲ ଜମି

**କେନ୍ଦୁଝର,୨୫।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ମାଇନିଂରୋଡ଼ସ୍ଥିତ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ଶିଳ୍ପ ବିଭାଗର ଜମି ଜବରଦଖଲ ମୁକ୍ତ ହୋଇଛି। ଦୀଘ ; ଦିନ ହେଲା ଜବରଦଖଲରେ ରହିଥିବା ବେଳେ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ଅଧ୍ୟକ୍ଷ ଉଚ୍ଛେଦ ପାଇଁ ଟାଉନ ଥାନାରେ ଏତଲା ଦେଇଥିଲେ। ଏଥିସହ ଜମି ଚିହ୍ନଟ କରିବାକୁ ସଦର ତହସିଲଦାରଙ୍କୁ ଜଣାଇଥିଲେ। ସଦର ତହସିଲ ପକ୍ଷରୁ ବୁଧବାର ଜମି ଚିହ୍ନଟ କରାଯାଇଛି। ଚିହ୍ନଟ ଓ ମାପଚୁପ ସମୟରେ ସଦର ତହସିଲଦାର ଶୁଭେନ୍ଦୁ ସାହୁ, ସଦର ଆରଆଇ ଶ୍ରୀକାନ୍ତ ମାଝୀ ଉକ୍ତ ସ୍ଥାନରେ ଉପସ୍ଥିତ ରହି ମାପଚୁପ କରି ଶିଳ୍ପ ବିଭାଗ ନାମରେ ଥିବା ମୂଲ୍ୟବାନ ଜମିକୁ ଜବରଦଖଲ ମୁକ୍ତ କରିଛନ୍ତି।



ଜବରଦଖଲ ଉଚ୍ଛେଦ କରାଯାଇ ଗାତ ଖୋଳାଯାଇଛି।

ଚିହ୍ନଟ ପରେ ପ୍ରୋକ୍ଲିନ ମେଶିନରେ ଗାତ ଖୋଳାଯାଇଛି। ଓଏସ୍ଏମଇ ପକ୍ଷରୁ ଗୁରୁବାର ଖୁଣ୍ଟ ପୋତାଯାଇ ତାରବାଡ ଘେରାଯିବ ବୋଲି ଅଧ୍ୟକ୍ଷ ମନ୍ମଥ କୁମାର ମାଝୀ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଓଏସ୍ଏମଇର ଜାଗା ଅଭାବ ଯୋଗୁ ଷ୍ଟାଫ କ୍ୱାର୍ଟର, ହଷ୍ଟେଲ ଆଦି ନିର୍ମାଣ ହୋଇପାରୁନାହିଁ। କିଛି ଲୋକ ମାଟି ପକାଇ ରାସ୍ତା ନିର୍ମାଣ କରୁଥିଲେ। ସଦର ତହସିଲ ଅଧୀନ ବିଦ୍ୟାଳୟ ସମ୍ମୁଖ କୁଲାଡେରା ମୌଜାର ଖାତା ନମ୍ବର ୧ର ପ୍ଲଟ୍ ନମ୍ବର ୨୯୭, ୬ରେ ୫ଜଣ ବ୍ୟକ୍ତି ଜବରଦସ୍ତ ଜବରଦଖଲ କରିଥିଲେ। ଶିଳ୍ପ ବିଭାଗ ଜମିକୁ ରାସ୍ତା ଦେଖାଇ ନିଜ ଜମିକୁ ଘରବାଡ଼ି କିସମ ପରିବର୍ତ୍ତନ କରିଛନ୍ତି। ରାଜସ୍ୱ ବିଭାଗ ଏହାର ତଦନ୍ତ କରି ଦୋଷୀ ଆରଆଇଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦାବି ହୋଇଛି। ସୂଚନଯୋଗ୍ୟ, ଜିଲାପାଳଙ୍କ ଅଧ୍ୟକ୍ଷତାରେ ୨୦୨୦ ରେ ବସିଥିବା ବିଦ୍ୟାଳୟର ଗଭର୍ଣ୍ଣିଂ ବଡି ବୈଠକରେ ଜବରଦଖଲକୁ ନେଇ ଆଲୋଚନା ହୋଇଥିଲା। ଆଲୋଚନା ପରେ ଉକ୍ତ ଜମିର ଚିହ୍ନଟ ଓ ପାଚେରି ନିର୍ମାଣ ପାଇଁ ୧୮ଜାନୁଆରୀ ୨୦୨୧ରେ ସ୍ଥାନୀୟ ସଦର ତହସିଲଦାରଙ୍କୁ ଜବରଦଖଲ ସମ୍ପର୍କରେ ଜଣାଇ ପଦକ୍ଷେପ ନେବାକୁ କୁହାଯାଇଥିଲା।

## ଦୃଷ୍ଟି ଆଢୁଆଳରେ ପିଲୋଲାଭା

**ଯୋଡ଼ା,୨୫।୨(ମାନସ ମହାନ୍ତି)**

**ଐତିହ୍ୟସ୍ଥଳ ଘୋଷଣା ପ୍ରହସନ**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ନମିରା ଗ୍ରାମରେ ପିଲୋଲାଭାକୁ ଭୂ ଐତିହ୍ୟସ୍ଥଳଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ଘୋଷଣା ଦୃଷ୍ଟି ଆଢୁଆଳରେ ରହିଯାଇଛି। ଏହାର ବିକାଶ କରିବା ପାଇଁ କିଛି ବର୍ଷ ପୂର୍ବେ ଭୂତତ୍ତ୍ୱ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇ ପିଲୋଲାଭାସ୍ଥଳରେ ଫଳକ ଲଗାଯାଇଥିଲା। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବହୁ କୋଟି ବର୍ଷ ପୂର୍ବେ ଘଟିଥିବା ନମିରା ଗାଁର ଆଗ୍ନେୟଗିରି ଉଦ୍‌ଗିରଣ ଘଟଣା ଲୁଚିଯାଉଛି।

ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣର ରିପୋର୍ଟ ଅନୁଯାୟୀ, ନମିରା ପିଲୋଲାଭା ହେଉଛି ଗାଁରେ ଦୃଶ୍ୟମାନ ଏକ ଭବ୍ୟ ଭୂବୈଜ୍ଞାନିକ ସଂରଚନ। ଏହି ସ୍ମାରକ ୦.୧୬ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ଅଛି। ଗୋଲାକାରରୁ ନେଇ ଅଣ୍ଡାକାର ରୂପରେ ମିଳୁଥିବା କାରଣରୁ ତଥା ତକିଆ ପରି ଦେଖା ଯାଉଥିବା ଯୋଗୁ ଏହାର ନାମ ନମିରା ପିଲୋଲାଭା ରଖାଯାଇଛି। ଗରମ ତରଳୀକୃତ ବାସାଲ୍ଟିକ ମ୍ୟାଗମା ଥଣ୍ଡା ହୋଇ ଧୀରେ ଧୀରେ ଜଳ ସଂସ୍ପର୍ଶରେ ଆସିବା ପରେ ତକିଆ ରୂପୀ ସଂରଚନା ଗଠିତ ହୋଇଛି। ତକିଆଗୁଡ଼ିକ ଘନିଷ୍ଠ ଭାବରେ ପ୍ୟାକ୍ ହୋଇଛି, ଯାହାର ସର୍ବାଧିକ ଆକାର ୨ ମିଟର ୦.୬ ମିଟର। ସେଗୁଡ଼ିକ ଅତୀତର ସେହି ପରିବେଶର ଏକ ସୂଚକ, ଯେଉଁଥିରେ ଏହି ପଥର ସୃଷ୍ଟି ହୋଇଥିଲା। ପ୍ରାୟ ୨୮୦ କୋଟି ବର୍ଷ ପୂର୍ବେ ଘଟିଥିବା ନମିରା ଉପ-ବାୟୋବିୟ ଆଗ୍ନେୟଗିରି ଘଟଣା ପ୍ରି- କାମ୍ବ୍ରିୟାନ ଭାରତ ଉପଦୀପ ବିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ମୂକ ସାକ୍ଷୀ। ଏହା ଆର୍କିଆନ ସମୟର ପ୍ରାରମ୍ଭରେ ପୃଥିବୀ ପୃଷ୍ଠର ଏହି ଅଂଶରେ ବିଶାଳ ଜଳ ରାଶିର ଉପସ୍ଥିତି ପ୍ରମାଣିତକରେ। ଏହି ସପନ ଲାଭା ସଂରଚନା, ଆର୍କିଆନ ଯୁଗର ଆଇରନ ଓର୍ ଗ୍ରୁପ୍‌ର ସୁପ୍ରାକ୍ରଷ୍ଟାଲଟର ତଳ ଅଂଶରେ ମିଳୁଥିବା ଆଗ୍ନେୟଗିରି ସୃଷ୍ଟ ବାସାଲ୍ଟ ପ୍ରସ୍ତରର ଏକ ଅଂଶ ବିଶେଷ। ଏହା ପୂର୍ବ ଭାରତର ଗ୍ରୀନ୍‌ଷ୍ଟନ ସମୂହ ଅନ୍ତର୍ଗତ ସିଂଭୂମ କ୍ରେଟନର ବଣାଇ-କେନ୍ଦୁଝର ବେଲ୍ଟରେ ଅବସ୍ଥିତ, ଯାହା ହର୍ଷ- ସୁସିଂକ୍ଲିନୋ ରିୟମ ରୂପେ ମଧ୍ୟ ଜନପ୍ରିୟ। ଏହି ଭୂବୈଜ୍ଞାନିକ ସଂରଚନାର ଅଦ୍ୱିତୀୟ ବୈଜ୍ଞାନିକ ଏବଂ ଶିକ୍ଷଣିକ ମହତ୍ତ୍ୱ ଯୋଗୁ ୧୯୭୬ରେ ଏହାକୁ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ଦ୍ୱାରା ରାଷ୍ଟ୍ରୀୟ ଭୂବୈଜ୍ଞାନିକ ରୂପେ ଘୋଷିତ କରାଯାଇଥିଲା। ଏହାକୁ ଗତ ୫ ବର୍ଷ ପୂର୍ବେ ଭାରତ ସରକାରଙ୍କ ଭୂତତ୍ତ୍ୱ ବିଭାଗ ଐତିହ୍ୟସ୍ଥଳୀ ଭାବେ ପରିଚିତ କରିବା ପାଇଁ ଆଗେଇ ଆସିଥିଲା। ନମିରା ଗ୍ରାମରେ ଫଳକ ଲଗାଇ ପର୍ଯ୍ୟଟନସ୍ଥଳୀ କରିବା ପାଇଁ ଘୋଷଣା କରିଥିଲା। ମାତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇ ନ ଥିବା ଶରତ ବାରିକ, ସନ୍ତୋଷ ବାରିକ, ପଙ୍କଜ ବାରିକ ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି ।


କେନରା ବैंक Canara Bank — ସିଣ୍ଡିକେଟ Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ପାରାଦୀପ ଶାଖା** **(୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ସ୍ୱା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, **(୨) ଶ୍ରୀ ବିଜୁ ପ୍ରସାଦ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୭୮୮.୪୫ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ** ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ଏ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ସ୍କେଚ୍ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇନ୍ଦ୍ରମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁଙ୍କ ସ୍କେଚ୍ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ସ୍କେଚ୍ ପ୍ଲଟ ନଂ.୩୧ |
| **(୩)ମାଷ୍ଟର ବିଦିଶ୍ ରଞ୍ଜନ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, **(ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅଭିଭାବକ ଭାବେ ତାଙ୍କର ପ୍ରତିନିଧିତ୍ୱ କରୁଛନ୍ତି)**, ସମସ୍ତଙ୍କ ଠିକଣା: ସା- ବାଇଲ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦। | | | |

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

